# ରାଇସିନା ଡାଏଲଗ୍ 2024

ଫେବୃଆରୀ 20, 2024

ରାଇସିନା ଡାଏଲଗ୍ ହେଉଛି ଭୂ-ରାଜନୀତି ବା ଜିଓପଲିଟିକ୍ସ ଏବଂ ଭୂ-ଅର୍ଥନୀତି ବା ଜିଓ-ଇକୋନୋମିକ୍ସ ଉପରେ ଭାରତର ପ୍ରମୁଖ ସମ୍ମିଳନୀ, ଯାହା ଅନ୍ତର୍ଜାତୀୟ ସମୁଦାୟ ସମ୍ମୁଖୀନ ହେଉଥିବା ସବୁଠାରୁ ଆହ୍ୱାନପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧ ।

2. ରାଇସିନା ଡାଏଲଗର ୨ମ ସଂସ୍କରଣ 2024 ଫେବୃଆରୀ 21ରୁ 23 ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

3. ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ 21ରେ ଏହି ଡାଏଲଗକୁ ଉଦଘାଟନ କରିବେ । ହେଲେନିକ୍ ରିପବ୍ଲିକ୍ (ଗ୍ରୀସ୍)ର ପ୍ରଧାନମନ୍ତ୍ରୀ ମହାମହିମ କିରିଆକୋସ୍ ମିତ୍ସୋଟାକିସ୍ ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟ ବକ୍ତବ୍ୟ ରଖିବେ ।

4.  ୨ମ ରାଇସିନା ଡାଏଲଗରେ ମନ୍ତ୍ରୀ, ପୂର୍ବତନ ରାଷ୍ଟ୍ରମୁଖ୍ୟ ଓ ସରକାର ମୁଖ୍ୟ, ସାମରିକ କମାଣ୍ଡର, ଇଣ୍ଡଷ୍ଟ୍ରିର କ୍ୟାପଟେନ, ଟେକ୍ନୋଲୋଜି ଲିଡର, ଶିକ୍ଷାବିତ୍, ସାମ୍ବାଦିକ, ରଣନୈତିକ ବ୍ୟାପାର ଷ୍ଟ୍ରାଟେଜିକ୍ ଆଫେୟାର୍ସର ବିଦ୍ୱାନ, ଅଗ୍ରଣୀ ଥିଙ୍କଟ୍ୟାଙ୍କ ବିଶେଷଜ୍ଞ ଏବଂ ଯୁବଗୋଷ୍ଠୀଙ୍କ ସମେତ 100ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରିବେ ।

5. 2024 ସଂସ୍କରଣର ବିଷୟବସ୍ତୁ ହେଉଛି "ଚତୁରଙ୍ଗ: ସଂଘର୍ଷ, ପ୍ରତିଯୋଗିତା, ସହଯୋଗ, ସୃଷ୍ଟି" । ତିନି ଦିନ ଧରି ଚାଲିବାକୁ ଥିବା ଏହି ଅବସରରେ, ବିଶ୍ୱର ନିଷ୍ପତ୍ତି ନିର୍ଣ୍ଣୟକାରୀ ଏବଂ ଚିନ୍ତାଧାରାର ନେତାମାନେ ଛଅଟି ବିଷୟଗତ ସ୍ତମ୍ଭ ଉପରେ ବିଭିନ୍ନ ଫର୍ମାଟରେ ପରସ୍ପର ସହ ବାର୍ତ୍ତାଳାପ କରିବେ: (i) ଟେକ୍ ଫ୍ରଣ୍ଟିଅର୍ସ: ନିୟମାବଳୀ ଏବଂ ବାସ୍ତବତା; (ii) ପୃଥିବୀରେ ଶାନ୍ତି: ନିବେଶ ଏବଂ ଉଦ୍ଭାବନ; (iii) ଯୁଦ୍ଧ ଏବଂ ଶାନ୍ତି: ଅସ୍ତ୍ରଶସ୍ତ୍ର ଏବଂ ଅସମାନତା; (iv) ବହୁପକ୍ଷବାଦକୁ ନିଷ୍କ୍ରିୟ କରିବା: ଅନୁଷ୍ଠାନ ଓ ଅନ୍ତର୍ଭୁକ୍ତୀକରଣ; (v) 2030 ପରବର୍ତ୍ତୀ କାର୍ଯ୍ୟସୂଚୀ: ଲୋକ ଓ ପ୍ରଗତି; ଏବଂ (vi) ଗଣତନ୍ତ୍ରର ରକ୍ଷା କରିବା: ସମାଜ ଏବଂ ସାର୍ବଭୌମତ୍ୱ ।

6. ପ୍ରାୟ 115ଟି ଦେଶର 2500ରୁ ଅଧିକ ଅଂଶଗ୍ରହଣକାରୀ ବ୍ୟକ୍ତିଗତ ଭାବେ ଏହି ଆଲୋଚନାରେ ଯୋଗ ଦେବେ ଏବଂ ଏହି କାର୍ଯ୍ୟକ୍ରମକୁ ବିଶ୍ୱର ଲକ୍ଷ ଲକ୍ଷ ଲୋକ ବିଭିନ୍ନ ଡିଜିଟାଲ ପ୍ଲାଟଫର୍ମରେ ଦେଖିବେ ।

7. ଅଧିକ ବିବରଣୀ https://www.orfonline.org/forums/raisina-dialogue.ରେ ଦେଖାଯାଇପାରିବ।

**ନୂଆଦିଲ୍ଲୀ**
**ଫେବୃଆରୀ 19, 2024**